ପାଠ - ୬

# ହାତୀ ମାନିଲା ଏଣ୍ଡୁଅ କଥା



ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।



ହାତୀର ଖେଳକୁ ଏଣ୍ଡୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଡୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

## ଅଭ୍ୟାସ

୧। ଗୀତଟିକୁ ମନେ ପକାଇ କୁହ ।

୨। ପାଠରେ ବ୍ୟବହାର ହୋଇଥିବା 'ଣ୍ଡ' 'ଣ୍ଢ' ଅକ୍ଷରର ଶବ୍ଦ ଚାରିପଟେ ଗୋଲ ବୁଲାଅ ଓ ସେହି ଅକ୍ଷର ଥିବା ଶବ୍ଦ ଠିକ୍ ଭାବେ ଉଚ୍ଚାରଣ କର ।

୩। ଗୀତରେ ଯେଉଁ ଚିତ୍ର ଦିଆଯାଇଛି, ସେଥିରେ କିଏ କ'ଣ କରୁଛି ଲେଖ ।

ହାତୀ ______ ରେ ପାଣି ପକାଉଛି ।
ପାଣି ଦେଖି ______ ଦୌଡ଼ି ପଳେଇଲେ ।

H.W
09.07.2021

'ଣ୍ଡ' ଓ 'ଣ୍ଟ' ଅକ୍ଷରର ଶବ୍ଦ ।

| | |
|---|---|
| ଦଣ୍ଡୁଅ | ମୁଣ୍ଟ |
| ମୁଣ୍ଡ | ମେଣ୍ଟାଘର |
| ଦଣ୍ଡୁଅଭାର | ମୁଣ୍ଟରେ |
| ମୁଣ୍ଡରେ | ମୁଣ୍ଟକୁ |
| କୁଣ୍ଡିଆ | |
| ମୁଣ୍ଡକୁ | |
| ଦଣ୍ଡୁଅଭାର | |